## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୦.୧୫
- ୟୁରୋ ୧୦୫.୨୫ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୧୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୪,୯୨୯.୦୦
- ନିଫ୍ଟି ୨୫,୯୬୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମସ୍କଙ୍କୁ ମିଳିବ ୧୨ ଲକ୍ଷ କୋଟିର ପେମେଣ୍ଟ



ୱାସିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ୨୦୧୮ ର ପେମେଣ୍ଟ ପ୍ୟାକେଜ ମାମଲାରେ ବିଜୟୀ ହୋଇଛନ୍ତି। ଡେଲାୱେୟର ସୁପ୍ରିମକୋର୍ଟ ଶୁକ୍ରବାର ନିମ୍ନ କୋର୍ଟ ଦେଇଥିବା ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। ସେତେବେଳେ ମସ୍କଙ୍କୁ ୫୬ ବିଲିୟନ ଡଲାରର କ୍ଷତିପୂରଣ ପ୍ୟାକେଜକୁ କୋର୍ଟ ରଦ୍ଦ କରିଦେଇଥିଲେ। ଏବେ ଟେସ୍‌ଲାର ସେୟାର ମୂଲ୍ୟ ବୃଦ୍ଧି ପାଇଥିବାରୁ ସୁପ୍ରିମକୋର୍ଟ ପ୍ୟାକେଜ ମୂଲ୍ୟ ବଢ଼ାଇ ୧୩୯ ବିଲିୟନ ଡଲାର ଅର୍ଥାତ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା କରିଦେଇଛନ୍ତି। ଏହି ରାୟ ଦ୍ୱାରା ମସ୍କଙ୍କ ସମ୍ପତ୍ତି ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ଦୁଇ ବର୍ଷ ତଳେ ନିମ୍ନ କୋର୍ଟ ଏହି ଡିଲ୍‌କୁ ଅକଳ୍ପନୀୟ କହି ରୋକି ଦେଇଥିଲେ। ଏବେ ସୁପ୍ରିମକୋର୍ଟ ମସ୍କଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ନୂଆ ନିର୍ଦ୍ଦେଶ ଦ୍ୱାରା ଟେସ୍‌ଲାରେ ମସ୍କଙ୍କ ନିୟନ୍ତ୍ରଣ ଅଧିକ ମଜଭୁତ ହୋଇଯିବ। ସେ ଏହାକୁ ଚିନ୍ତାର ପ୍ରସଙ୍ଗ କହି ଆସୁଥିଲେ।

ସୁପ୍ରିମକୋର୍ଟ ୪୯ ପୃଷ୍ଠାର ରାୟରେ କହିଥିଲେ ଯେ ୨୦୨୪ ପ୍ରାରମ୍ଭରେ ଦିଆଯାଇଥିବା ପେମେଣ୍ଟ ପ୍ୟାକେଜକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବା ମସ୍କଙ୍କ ପାଇଁ ଅନୁଚିତ ଏବଂ ଅନ୍ୟାୟ ଥିଲା। ଏହା ଦ୍ୱାରା ୬ ବର୍ଷ ହେଲା ମସ୍କ କରିଥିବା ପରିଶ୍ରମ ପାଇଁ କୌଣସି କ୍ଷତିପୂରଣ ମିଳି ନ ଥାଆନ୍ତା। ଶୁକ୍ରବାର ବଜାର ବନ୍ଦ ହେବା ବେଳକୁ ଟେସଲାର ସେୟାର ମୂଲ୍ୟ ଆଧାରରେ ୨୦୧୮ ପ୍ୟାକେଜ ୧୩୯ ବିଲିୟନ ଡଲାର ରହିଛି।

# ଡ.ସତ୍ୟବ୍ରତ ମୀନକେତନଙ୍କ 'ୟୁ କ୍ୟାନ୍ ବି ୟୋର୍ ୱନ୍ ଡକ୍ଟର' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୨୦।୧୨ (ସମିସ): ଭୁବନେଶ୍ୱରର ପାଲ୍‌ହାଇଟ୍ସରେ ଶୁକ୍ରବାର ଆୟୋଜିତ ଏକ ଘରୋଇ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବଭାରତର ସର୍ବବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର 'ହେଲ୍‌ଥଭିଲେ'ର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କ ଦ୍ୱାରା ଲିଖିତ 'ୟୁ କ୍ୟାନ୍ ବି ୟୋର୍ ୱନ୍ ଡକ୍ଟର'(ତୁମେ ନିଜେ ନିଜର ଡାକ୍ତର ହୋଇପାରିବ) ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହା ସହିତ 'ବେଷ୍ଟ ୱେଲ୍‌ନେସ୍ ସେଣ୍ଟର ଫର୍ ପ୍ରିଭେନସନ୍ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ହେଲ୍‌ଥକେୟାର' ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ଶ୍ରୀ ମହାଲିଙ୍ଗ ଲେଖକଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ନାଗରିକଙ୍କୁ ନିଜ ଉନ୍ନତିର ଦାୟିତ୍ୱ ପାଇଁ ଦାୟିତ୍ୱ ନେବାର ସଶକ୍ତ କରିବାରେ ସ୍ୱାସ୍ଥ୍ୟଶିକ୍ଷାର ଗୁରୁତ୍ୱ ଉପରେ ପ୍ରାଧାନ୍ୟ

ଦେଇଥିଲେ। ସେ କହିଥିଲେ ଯେ, ଏପରି ପୁସ୍ତକ ପ୍ରକାଶନ ଦ୍ୱାରା ସୁସ୍ଥ ଜୀବନଶୈଳୀ ଅଭ୍ୟାସ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ବିଷୟରେ ସଚେତନତା ପ୍ରସାର କରିବାରେ ସହାୟକ ହେବ। ଏହି ପୁସ୍ତକ ଜୀବନଶୈଳୀ ଶୃଙ୍ଖଳା, ସଚେତନତା ଏବଂ ପ୍ରାରମ୍ଭିକ ପ୍ରତିରୋଧ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ବ୍ୟାବହାରିକ ପଦ୍ଧତି ଗୁଡିକ ବିଷୟରେ ଆଲୋକପାତ କରାଯାଇଛି। ଏହି ଅବସରରେ ଡ. ମୀନକେତନ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିବିଶେଷ ସେମାନଙ୍କ ଶରୀରକୁ ଭଲ ଭାବରେ ବୁଝିବା ଏବଂ ରୋଗ ସୃଷ୍ଟିହେବା ପୂର୍ବରୁ ଏହାର ପ୍ରତିରୋଧ କରିବା ଏବଂ ପ୍ରାକୃତିକ ବିଜ୍ଞାନ ସମ୍ପର୍କିତ ଅଭ୍ୟାସଗୁଡିକୁ ଗ୍ରହଣ କରିବାକୁ ଅନେକ ପରାମର୍ଶ ଦିଆଯାଇଛି। ଉନ୍ମୋଚନ ଉତ୍ସବରେ ଅନେକ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନେକ ମାନ୍ୟଗଣ୍ୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

## ଚଳିତ ବର୍ଷ ଭାଙ୍ଗିଲା ସବୁ ରେକର୍ଡ

# ୧.୫ ଲକ୍ଷ କୋଟିର ସେୟାର ବିକିଲେ ମାଲିକ

ମୁମ୍ବଇ, ୨୦।୧୨ (ଏଜେନ୍ସି)



ଚଳିତ ବର୍ଷ ଭାରତୀୟ ସେୟାର ବଜାରରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେୟାର ବିକ୍ରି ଗତ ବର୍ଷ ଗୁଡ଼ିକର ଧାରାକୁ ପଛରେ ପକାଇ ଦେଇଛି। ଏହାକୁ ନେଇ ସେୟାର ବଜାର ଶୀର୍ଷସ୍ତରରେ ପହଞ୍ଚି ଯାଇଥିବା କୁହାଯାଉଛି। କାରଣ ଯେଉଁ ବ୍ୟକ୍ତିମାନେ ଭାରତୀୟ ବଜାରରେ ବଡ଼ ବଡ଼ କମ୍ପାନୀ ଛିଡ଼ା କରାଇ ଥିଲେ ସେମାନେ ଏବେ ନିଜ ଅଂଶଧନ ବିକ୍ରି କରିବାରେ ଲାଗିଛନ୍ତି। ଭାରତୀୟ କମ୍ପାନୀଙ୍କ ପ୍ରମୋଟର ତଥା ମାଲିକମାନେ ବିକ୍ରିରେ ସବୁ ରେକର୍ଡ ଭାଙ୍ଗି ଦେଇଛନ୍ତି। ସେମାନେ ୧.୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ସେୟାର ବିକ୍ରି କରିଛନ୍ତି। କ୍ରମାଗତ ତୃତୀୟ ଥର ପାଇଁ ବିକ୍ରି ଲକ୍ଷେ କୋଟି ପାର କରିଛି। ଏହା ପୂର୍ବରୁ ଗତ ବର୍ଷ ୧.୪୩ ଲକ୍ଷ କୋଟିର ସେୟାର ବିକ୍ରି ହୋଇଥିଲା। ତେବେ ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ମାଲିକ କାହିଁକି ନିଜ ଅଂଶଧନ ବିକ୍ରି କରୁଛନ୍ତି? ଏହି ଅର୍ଥ କୁଆଡେ ଯାଉଛି? ଏହା ଦ୍ୱାରା ସାଧାରଣ ନିବେଶକ ଭୟଭୀତ ହେବାର ଆବଶ୍ୟକତା ରହିଛି କି?

ପ୍ରାଇମ ଡାଟାବେସ ଏବଂ କୋଟାକ ସିକ୍ୟୁରିଟିଜ ଭଳି ସଂସ୍ଥାର ତଥ୍ୟ ଅନୁଯାୟୀ, ସେୟାର ବଜାରରେ ବଲ୍‌କ ଡିଲ୍ ମାଧ୍ୟମରେ ବିକ୍ରି କରାଯାଇଛି। ସେହିପରି ଦ୍ୱିତୀୟ ଧାରାରେ ପ୍ରାଇମେରୀ ମାର୍କେଟ ରହିଛି। ଏହା ଅଧିନରେ ଆଇପିଓ ଏବଂ ଓଏଫଏସ ଆସୁଛି। ଆଇପିଓ ମାଧ୍ୟମରେ ପ୍ରମୋଟର ଅଫର ଫର୍ ସେଲ (ଓଏଫଏସ) ଆପଣାଇ ୧୮ ହଜାର କୋଟିର କିଣାବିକାର ଦୁଇଟି ମୁଖ୍ୟ ଧାରା ରହିଛି। ପ୍ରଥମ ଧାରାରେ ସେକେଣ୍ଡାରୀ ମାର୍କେଟ ରହିଛି। ଏହା ଅଧିନରେ ବ୍ଲକ୍ ଏବଂ ବଲ୍‌କ (ବିପୁଳ ପରମାଣ) ଚୁକ୍ତି ହୋଇଥାଏ। ଏହା ମାଧ୍ୟମରେ ପ୍ରାୟ ୧.୩୫ ଲକ୍ଷ କୋଟି ଟଙ୍କାର ଅଂଶଧନ ସିଧା ଟଙ୍କାରୁ ଅଧିକ ସଂଗ୍ରହ କରିଛନ୍ତି।

ଚଳିତ ବର୍ଷ ଏୟାରଟେଲ ସର୍ବାଧିକ ୪୪.୬୮ ହଜାର କୋଟିର ସେୟାର ବିକ୍ରି କରିଛି। ଏହା ପଛକୁ ଇଣ୍ଡିଗୋ ୧୪.୪୯ ହଜାର କୋଟି, ଏଡବ୍ଲୁଏଲ ଏଗ୍ରି ୧୧.୦୬ ହଜାର କୋଟି, ବିଶାଲ ମେଗାମାର୍ଟ ୧୦.୨୨ ହଜାର କୋଟି, ବଜାଜ ଫିନସର୍ଭ ୬.୩୪ ହଜାର କୋଟି, ଏମ୍‌ଫାସିସ ୫.୫ ହଜାର କୋଟି, ଏପ୍‌ଟସ ଭାଲ୍ୟୁ ୪.୭୨ ହଜାର କୋଟି, କୋହାନ୍ସ ଲାଇଫ ସାଇନସ ୩.୯୧ ହଜାର କୋଟି ଏବଂ ହିନ୍ଦୁସ୍ତାନ ଜିଙ୍କ ୩.୦୯ ହଜାର କୋଟିର ସେୟାର ବିକ୍ରି କରିଛି। ଏଥିଯୋଗୁଁ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ପଞ୍ଜିକୃତ କମ୍ପାନୀରେ ବ୍ୟକ୍ତିଗତ ପ୍ରମୋଟରଙ୍କ ସେୟାର ଗତ ଜୁନ୍ ସୁଦ୍ଧା ହ୍ରାସ ପାଇ ୪୦.୫୮ ପ୍ରତିଶତ ରହିଥିଲା। ଏହା ଗତ ୮ ବର୍ଷରେ ସର୍ବନିମ୍ନ। ପ୍ରମୋଟରମାନେ ମୂଲ୍ୟାଙ୍କନର ଲାଭ ଏବଂ ଋଣରୁ ଆଶ୍ୱସ୍ତି ପାଇଁ ନିଜ ସେୟାର ବିକ୍ରି କରୁଥିବା କୁହାଯାଉଛି।

## ଆଗାମୀ ବଜେଟ୍‌କୁ ନେଇ ସଂଶୟ

# ରବିବାର ଆଗତ ହୋଇପାରେ ବଜେଟ

ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି

ଦେଶର ୮୦ତମ ବଜେଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଆସନ୍ତା ବର୍ଷର ବଜେଟ ତାରିଖକୁ ନେଇ ସଂଶୟ ଜାରି ରହିଛି। ଫେବୃଆରୀ ୧ରେ ରବିବାର ପଡୁଛି। ଏହି ଦିନ ଗୁରୁ ରବିଦାସଙ୍କ ଜୟନ୍ତୀ ମଧ୍ୟ।

- ଫେବୃଆରୀ ୧ରେ ପଡୁଛି ଛୁଟି ଦିନ
- ବଜେଟ ପାଇଁ ଜନତାଙ୍କୁ ପରାମର୍ଶ ମାଗିଲେ ସରକାର



ଚଳିତ ବର୍ଷ ଫେବୃଆରୀ ୧୨ରେ ଗୁରୁ ରବିଦାସଙ୍କ ଜୟନ୍ତୀ ପଡ଼ିଥିଲା। ଏଥିପାଇଁ ଉଭୟ ଗୃହରେ କୌଣସି ବୈଠକ ହୋଇପାରି ନ ଥିଲା। ଏହା ପୂର୍ବରୁ ୧୯୮୧ରେ ଗୁରୁ ରବିଦାସଙ୍କ ଜୟନ୍ତୀ ପାଇଁ ଗୃହକାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଯଦି ଫେବୃଆରୀ ୧ରେ ବଜେଟ ଉପସ୍ଥାପନ କରାଯିବ ତେବେ ୨୦୧୭ରେ ତାରିଖ ବଦଳାଇବା ପରେ ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ କରାଯିବ। ଏହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ କ୍ରମାଗତ ଅଷ୍ଟମ ଏବଂ କେନ୍ଦ୍ର ସରକାର ତୃତୀୟ କାର୍ଯ୍ୟକାଳର ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ ହେବ। ଏହା ସହିତ କ୍ରମାଗତ ୮ଟି ବଜେଟ ଉପସ୍ଥାପନ କରିବାରେ ନିର୍ମଳା ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହୋଇଯିବେ। ରିପୋର୍ଟ ଅନୁଯାୟୀ, ସରକାର ଫେବୃଆରୀ ୧ରେ ବଜେଟ ଆଗତ କରିବାର ପରମ୍ପରାକୁ ବଜାୟ ରଖିବାକୁ ଚାହୁଁଛନ୍ତି। ସମୟ ଆସିଲେ ବଜେଟ ତାରିଖ ନେଇ କ୍ୟାବିନେଟ କମିଟି ନିଷ୍ପତ୍ତି ନେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି। ତେବେ ରବିଦାସ ଜୟନ୍ତୀ କେନ୍ଦ୍ର ସରକାରଙ୍କ ଛୁଟି ତାଲିକାରେ ନାହିଁ। ଏହା 'ରେଷ୍ଟ୍ରିକଟେଡ ହଲିଡେ' ତାଲିକାରେ ରହିଛି। ଏଭଳି ସ୍ଥିତିରେ ସରକାର ସ୍ୱତନ୍ତ୍ର ବୈଠକ ଡକାଇ ବଜେଟ ଆଗତ କରିପାରନ୍ତି ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ୧୯୯୯ରେ ପ୍ରଥମ ଥର ପାଇଁ ରବିବାର ଦିନ ବଜେଟ ଉପସ୍ଥାପନ କରାଯାଇଥିଲା।

ଅନ୍ୟପକ୍ଷରେ ୨୦୨୬ ବଜେଟ ପାଇଁ ସରକାର ଜନତାଙ୍କୁ ପରାମର୍ଶ ମାଗିଛନ୍ତି। ଏହାକୁ ଦେଖି ସରକାର ନୂଆ ନିୟମ ଏବଂ ଯୋଜନା ପ୍ରସ୍ତୁତ କରିପାରିବେ। ମାଇଁଗଭ୍ଇଣ୍ଡିଆ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ଭାଗନେବାକୁ ଆହ୍ୱାନ କରିଛି। କୁହାଯାଇଛି ଯେ ବଜେଟ ଲୋକଙ୍କ ଚିନ୍ତାଧାରା ସହ ଜଡ଼ିତ ରହିଛି। ନିଜର ପରାମର୍ଶ ଦେଇ ଉନ୍ନତି ଏବଂ ବିକାଶରେ ସାମିଲ ହୁଅନ୍ତୁ। ଅର୍ଥାତ୍ ମାଇଁଗଭ୍ ୱେବସାଇଟକୁ ଯାଇ ଲୋକେ ନିଜ ମତାମତ ଦେଇପାରିବେ।

## ■ ସ୍ମାଇଲ ଟ୍ରେନ ଇଣ୍ଡିଆର ଘୋଷଣା

# ରାଉରକେଲାର ଜୟପ୍ରକାଶ ହସ୍ପିଟାଲରେ ଖୋଲିବ କ୍ଲେଫ୍ଟ କେୟାର ସେଣ୍ଟର

ରାଉରକେଲା, ୨୦।୧୨ (ସମିସ): ବିଶ୍ୱର ବଡ଼ କ୍ଲେଫ୍ଟ (ଗ୍ରହଣ ଖଣ୍ଡିଆ) କେନ୍ଦ୍ରିକ ଏନ୍‌ଜିଓ ସ୍ମାଇଲ ଟ୍ରେନ ରାଉରକେଲାର ଜୟ ପ୍ରକାଶ (ଜେପି) ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସହ ସହଭାଗିତା ନେଇ ଘୋଷଣା କରିଛି। ଏହା ମାଧ୍ୟମରେ ମାଗଣା କ୍ଲେଫ୍ଟ ଲିପ୍ ଏବଂ ପ୍ୟାଲେଟ ସର୍ଜରୀରେ ସହାୟତା କରାଯିବ। ଏହି ନୂଆ କ୍ଲେଫ୍ଟ କେନ୍ଦ୍ରରେ ରୋଗୀଙ୍କ ପାଇଁ ସବୁବେଳେ ମାଗଣା କ୍ଲେଫ୍ଟ (ଗ୍ରହଣ ଖଣ୍ଡିଆ) ସର୍ଜରୀ ସୁବିଧା ମିଳିବ। ହସ୍ପିଟାଲର ଓରାଲ ଓ ମାକ୍ସିଲୋଅଫିସିଆଲ ସର୍ଜନ ଏବଂ ସ୍ମାଇଲ ଟ୍ରେନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରିୟଙ୍କା ଭୋଇ ଏହି ଅସ୍ତ୍ରୋପଚାର କରିବେ। ଉଭୟ ଆଦିବାସୀ ଅଞ୍ଚଳ ଏବଂ ଗ୍ରାମାଞ୍ଚଳ ଜିଲ୍ଲାଗୁଡିକର ରୋଗୀ ଏହି ସୁବିଧା ପାଇପାରିବେ। ଏହା ଦ୍ୱାରା ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ଦେଓଗଡ଼ ଏବଂ ଅନ୍ୟ କ୍ଷେତ୍ରର ରୋଗୀ ଉପକୃତ ହେବେ। ଏବେ ଗ୍ରହଣ ଖଣ୍ଡିଆକୁ ନେଇ ବହୁତ କମ ସଚେତନତା ଅଭିଯାନ ଏବଂ ଚିକିତ୍ସା ଚାଲିଛି। ସବୁ ସ୍ଥାନରେ ମଧ୍ୟ ଏହି ଅସ୍ତ୍ରୋପଚାରର ସୁବିଧା ଉପଲବ୍ଧ ନାହିଁ। ଏ ଦିଗରେ ସ୍ମାଇଲ ଟ୍ରେନ ଇଣ୍ଡିଆର ପଦକ୍ଷେପ ଯୁଗାନ୍ତକାରୀ ସାବ୍ୟସ୍ତ ହେବ।

## ରାଜ୍ୟ ଖବର

# ଅଭିଯୁକ୍ତଙ୍କୁ ପାସ୍‌ପୋର୍ଟ ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଇନଗତ ପ୍ରତିବନ୍ଧକ ନାହିଁ: ହାଇକୋର୍ଟ

କଟକ, ୨୦।୧୨ (ସମିସ): ଫୌଜଦାରୀ ମାମଲା ବିଚାରାଧୀନ ଥିବା କାରଣରୁ ପାସ୍‌ପୋର୍ଟ ଜାରି ଏବଂ ନବୀକରଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଭଦ୍ରକ ସାମ୍ପ୍ରଦାୟିକ ହିଂସା ଘଟଣାରେ ଜନୈକ ଅଭିଯୁକ୍ତଙ୍କୁ ହଜ୍ ଯାତ୍ରା ପାଇଁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଆବଶ୍ୟକ ଏନ୍‌ଓସି ପ୍ରଦାନ କରିବାକୁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଶେଖ୍ ତାଜଉଦ୍ଦିନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭଦ୍ରକ ଜେଏମ୍‌ଏଫ୍‌ସି-୧ଙ୍କ ଦ୍ୱାରା ଗତ ମାର୍ଚ୍ଚ ୬ ତାରିଖର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ସାଉଦିଆରବକୁ ହଜ୍ ଯାତ୍ରା ପାଇଁ ଯିବା ନିମନ୍ତେ ପାସ୍‌ପୋର୍ଟ ପାଇଁ

**ଭଦ୍ରକ ସାମ୍ପ୍ରଦାୟିକ ହିଂସା ଅଭିଯୁକ୍ତଙ୍କୁ ଆବଶ୍ୟକ ଏନଓସି ପ୍ରଦାନ ନିର୍ଦ୍ଦେଶ**

ଆବଶ୍ୟକ ପଡୁଥିବା ଏନ୍‌ଓସିକୁ ଏକ ବର୍ଷ ଅବଧି ପାଇଁ ପ୍ରଦାନ କରାଯିବ ଏବଂ ଏଥିପାଇଁ ନିମ୍ନ ଅଦାଲତ ମଧ୍ୟ ସିକ୍ୟୁରିଟି ଆକାରରେ ଆବଶ୍ୟକ ସମ୍ପତ୍ତି ଜମା ପାଇଁ ସର୍ତ୍ତ ରଖିବେ ବୋଲି ଅଦାଲତ କହିଛନ୍ତି। କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ପାସପୋର୍ଟ ପ୍ରଦାନ ପୂର୍ବରୁ ସମ୍ପୃକ୍ତ ନିମ୍ନ ଅଦାଲତ ଆବଶ୍ୟକ ଏନ୍‌ଓସି/କ୍ଲିଅରାନ୍ସ ପ୍ରମାଣପତ୍ର ପ୍ରଦାନ କରିବେ।

ପ୍ରକାଶଥାଉକି, ୨୦୧୭ ମସିହାରେ ଭଦ୍ରକ ସାମ୍ପ୍ରଦାୟିକ ହିଂସା ଘଟଣାରେ ଆବେଦନକାରୀଙ୍କ ନାମରେ ଦୋକାନ ଭଙ୍ଗାରୁଜା, ପୋଡ଼ାଜଳା ଅଭିଯୋଗ ଥିଲା। ଏହି ମାମଲା ବିଚାରାଧୀନ ଥିବା ବେଳେ ସେ ହଜ୍ ଯାତ୍ରା ପାଇଁ ପାସ୍‌ପୋର୍ଟ ନିମନ୍ତେ ଆବେଦନ କରିଥିବା ବେଳେ ତାଙ୍କୁ ନିମ୍ନ ଅଦାଲତରେ ଏନ୍‌ଓସି ଆଣିବାକୁ କୁହାଯାଇଥିଲା। ସେ ଏଥିପାଇଁ ଆବେଦନ କରିଥିଲେ ସୁଦ୍ଧା ନିମ୍ନ ଅଦାଲତ ଗତ ୨୦୨୫ ମାର୍ଚ୍ଚ ୬ରେ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ନୂଆ ବସ୍‌ଷ୍ଟାଣ୍ଡ ପାଇଁ ସମୂହ ଗଛ କଟାଯିବାକୁ ବିରୋଧ

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇନଜୀବୀ




ବାରିପଦା,୨୦।୧୨(ସମିସ): ବାରିପଦାରେ ପ୍ରସ୍ତାବିତ ନୂତନ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରର ପାଲବଣୀ ନିକଟରେ ବ୍ୟାପକ ଗଛକଟାକୁ ବିରୋଧ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର-ପିଟିସନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି। ଆଇନଜୀବୀ ଶ୍ରୀ ଶର୍ମାଙ୍କ ଏହି ଆବେଦନରେ କୁହାଯାଇଛି ଯେ ପ୍ରକଳ୍ପ ପାଇଁ ସରକାରୀ ଭାବେ ୧,୭୮୯ଟି ଗଛ କଟାଯିବାର ଅନୁମତି ମିଳିଥିବା ବେଳେ ପ୍ରକୃତରେ ପ୍ରାୟ ୫,୦୦୦ରୁ ଅଧିକ ଗଛ କଟାଯାଇ ସାରିଛି। ଏହା ମଧ୍ୟରେ ୪୦-୫୦ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ସେହିଭଳି ଗଛକଟା କାର୍ଯ୍ୟକୁ ଦିନ ବଦଳରେ ହଠାତ୍ ରାତିରେ କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁଜ ଅଞ୍ଚଳର ବିନାଶ ଦ୍ୱାରା ଏସିଆର ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ବାରିପଦାର ତାପମାତ୍ରା ଆହୁରି ବୃଦ୍ଧି ପାଇବ ଏବଂ ଜଳବାୟୁ ପ୍ରତିରୋଧ କ୍ଷମତା ହ୍ରାସ ପାଇବ। ସୁପ୍ରିମକୋର୍ଟଙ୍କ ଏକ ମତାମତକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ଯେ ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ସଂଗିନ୍, ଭୟଙ୍କର। ତେଣୁ, ତୁରନ୍ତ ଗଛକଟା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳର ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଓ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହି ଆବେଦନ ଓଡ଼ିଶାର ମୁଖ୍ୟ ସଚିବ, ପ୍ରଧାନ ବନ ସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଏଫଓଙ୍କୁ ପଠାଯାଇଛି।

# ଜଳବାୟୁ ସହନଶୀଳ କୃଷିକୁ ମିଳିବ ପ୍ରାଥମିକତା



ଭୁବନେଶ୍ୱର, ୨୦।୧୨(ସମିସ): ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦିଆଯିବ। ସ୍ଥାନୀୟ ଜଳବାୟୁରେ ହେଉଥିବା ଫସଲର ବିହନକୁ ବିକଶିତ କରାଯିବ। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ ଏବଂ ଟେକ୍ନୋଲୋଜି ଆଣ୍ଡ ପଲିସି, କାଟାଲିଷ୍ଟ ମ୍ୟାନେଜ୍ ସଂଗୋଷ୍ଠୀ ସର୍ଭିସେସ୍‌ର ମିଳିତ ସହଯୋଗରେ 'ଓଡ଼ିଶା ଜଳବାୟୁ ଅନୁକୂଳ କୃଷି ସଂଗୋଷ୍ଠୀ' କର୍ମଶାଳା ଅନୁଷ୍ଠିତ ହୋଇଛି। ବିଭାଗୀୟ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ପରିବର୍ତ୍ତିତ ଜଳବାୟୁ ଅନୁଯାୟୀ ଚାଷ କାର୍ଯ୍ୟ କରିବାକୁ ହେବ। ଏଥିପାଇଁ କୃଷି ଯୋଜନା ଓ କାର୍ଯ୍ୟକ୍ରମରେ ଜଳବାୟୁ ସହନଶୀଳତାକୁ ସାମିଲ କରିବା, ମୃତ୍ତିକା ଓ ଜଳ ସଂରକ୍ଷଣ ମୂଳଦୁଆକୁ ସୁଦୃଢ଼ କରିବା, ଜଳବାୟୁ-ସହନଶୀଳ ଫସଲ, ବିବିଧ କୃଷି ପ୍ରଣାଳୀ ଓ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଜଳବାୟୁ ପରିବର୍ତ୍ତନର ନକରାତ୍ମକ ପ୍ରଭାବକୁ ଏଡ଼ାଇବା ଏବଂ ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ନିଶ୍ଚିତ କରିବା ପାଇଁ କୃଷି କ୍ଷେତ୍ରକୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି କହିଛନ୍ତି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ସିଷ୍ଟେପ୍‌ର ସେକ୍ଟର ମୁଖ୍ୟ ଡ. ଇନ୍ଦୁ କେ. ମୂର୍ତ୍ତି ଓ କ୍ୟାଟାଲିଷ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍‌ର ନିର୍ଦ୍ଦେଶକ ଶିବ କୁମାର ପ୍ରମୁଖ ପରିବର୍ତ୍ତିତ ଚାଷ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଗବେଷଣା ପ୍ରତିଷ୍ଠାନର ଅଧିକାରୀ, ଅଂଶୀଦାର, ସାମାଜିକ ସଂଗଠନ ପ୍ରତିନିଧି ଓ ନୀତି ବିଶେଷଜ୍ଞମାନେ ସାମିଲ ହୋଇ ବ୍ୟାପକ ଆଲୋଚନା କରିଛନ୍ତି।

## ୪ ନାବାଳିକାଙ୍କୁ ଅପହରଣ ପରେ ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ

# ୨ଜଣଙ୍କୁ ଆଜୀବନ, ଜଣକୁ ୭ ବର୍ଷ ଜେଲ୍

ବାରିପଦା, ୨୦।୧୦(ସମିସ): ୪ ନାବାଳିକାଙ୍କୁ ଅପହରଣ କରି ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେସାଲ ପୋକସୋ କୋର୍ଟର ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁଇଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଓ ୩୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଥିବା ବେଳେ ଅନ୍ୟ ଜଣଙ୍କୁ ୭ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଆସାମୀଦ୍ୱୟ ହେଲେ, ଶରତ ଥାନା ଅଧୀନ କଟୁରିଆ ମାହାରା ସାହିର ଧନେଶ୍ୱର ମୁର୍ମୁ(୨୩) ଓ ପଶ୍ଚିମବଙ୍ଗ, ଝାଡ଼ଗ୍ରାମ ଜିଲ୍ଲା ଗୋପିବଲ୍ଲଭପୁର ଥାନା ପଠାଣୀ ଅମର୍ଦ୍ଦା ଗ୍ରାମର ଶ୍ୟାମସୁନ୍ଦର ରଣା(୪୩)। ଅନ୍ୟ ଆସାମୀଜଣଙ୍କ ହେଲା, ରାଜସ୍ଥାନର ବରଦା ଥାନା ଅଧୀନ ବରଣସଦର ଅଞ୍ଚଳର ରାମ ସୁମନ (୨୯)।

ସୂଚନାନୁଯାୟୀ, ଗତ ଏପ୍ରିଲ ମାସରେ ପଶ୍ଚିମବଙ୍ଗ ଓ ରାଜସ୍ଥାନର ଦୁଇ ଅଭିଯୁକ୍ତ ଶ୍ୟାମସୁନ୍ଦର ଓ ରାମ ସୁମନ ଶରତ ଥାନା ଅଞ୍ଚଳରୁ ଧନେଶ୍ୱରଙ୍କ ଜରିଆରେ ୪ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। କାମ ଯୋଗାଇବା ପାଇଁ ପ୍ରଲୋଭନ ଦେଖାଇ ପରିବାରଲୋକଙ୍କ ଅଗୋଚରରେ ସେମାନଙ୍କୁ ରାଜସ୍ଥାନ ନେଇଯାଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ବିକ୍ରି କରିଦେଇଥିଲେ। ତେବେ ଏ ସଂପର୍କରେ ନାବାଳିକାମାନଙ୍କ ପରିବାରଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ମଧ୍ୟରୁ ଜଣଙ୍କୁ ଜବରଦସ୍ତି ବିବାହ କରାଯାଇଥିବା ବେଳେ ଅନ୍ୟମାନଙ୍କ ସହ ବଳାତ୍କାର କରାଯାଇଥିବା ନେଇ ପରିବାରଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ପୋକସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ନାବାଳିକାମାନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସମସ୍ତଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିଲା। ୧୭ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ପରିଚାଳନା କରୁଥିଲେ।

# ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, ୨୦।୧୨ (ସମିସ): ଶିମିଳିପାଳ ଅଭୟାରଣ୍ୟ ଭିତରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୨୫କେଜି ବାରହା ମାଂସ ଜବତ କରିଛି। ସେ ହେଲା, ଯଶିପୁର ଥାନା ଅସ୍ତକୁଅଁର ପଞ୍ଚାୟତ ଗୋପିନାଥପୁରର ମାସି ଆଲେୟା। ତା' ନିକଟରୁ ରକ୍ତଲଗା ୭ଟି ତୀର, ୨ଟି ଧନୁ ଓ ଗୋଟିଏ କୁରାଢ଼ୀ ଜବତ ହୋଇଛି। ତେବେ ବନ ବିଭାଗକୁ ଚକ୍‌ମା ଦେଇ ଅନ୍ୟ ୪ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଜଙ୍ଗଲ ଭିତରେ କିଛି ଶିକାରୀ ଶିକାର କରୁଥିବା ଖବର ପାଇ ପିଠାବାଟା ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ ଓ ଶିମିଳିପାଳ ଟାଇଗର୍ ପ୍ରୋଟେକ୍‌ସନ୍ ଫୋର୍ସ(ଏସ୍‌ଟିପିଏଫ୍) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଚମ୍ପଟ ମାରିଥିବା ବେଳେ ମାସି ଧରାପଡ଼ି ଯାଇଥିଲା। ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ



ଟିଗିରିଆ,୨୦।୧୨ (ସମିସ): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାର ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ଅଧୀନ ଭିରୁଡ଼ା, ଉପରଗଡ, ଗରପଡ଼ା ଶବରସାହି, ପାଇକସାହି, ପଣସ ପାଟଣା ଏବଂ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇ ୧୯୨୫ ଲିଟର ଦେଶୀ ମଦ ସହ ୧୪୪୨୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା ଏବଂ ଜିଲ୍ଲା ମୋବାଇଲ ୟୁନିଟ ସହଯୋଗରେ ଏହି ମିଳିତ ଚଢ଼ଉ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ଏଥିନେଇ ୫ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାକୁ ଗିରଫ କରାଯାଇନାହିଁ। ଚଢ଼ଉରେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ଉପନିରୀକ୍ଷକ ଅକ୍ଷୟ ଜେନାଙ୍କ ସମେତ ଆଠଗଡ ଓ ବାଙ୍କୀ ଅବକାରୀ ଥାନାର କର୍ମଚାରୀ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ




ନିଶ୍ଚିନ୍ତକୋଇଲି,୨୦।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହିସ୍ଥିତ ଡ. ଦେବ୍ ମହାନ୍ତି ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଆଡଭୋକେଟ୍ ମନୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବାଲୋକ ଏଜୁକେସନ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଦେବ୍ ମହାନ୍ତି, ସମ୍ମାନିତ ଅତିଥି ଭାବେ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ହରପ୍ରିୟା ମହାନ୍ତି, ସ୍କୁଲ ପରିଚାଳନା କମିଟି ସଂପାଦକ ପ୍ରଫେସର ପ୍ରମୋଦ ମିଶ୍ର, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗୋଳ କିଶୋର ଦାସ, ହରପ୍ରିୟା ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିସାନ ଶତପଥୀ, ଟ୍ରଷ୍ଟି ଶଲ୍ୟ ପରିଡା, ଆଡମିନ୍ ରାଜେଶ ଷଡ଼ଙ୍ଗୀ, ଲୋକସଂପର୍କ ଅଧିକାରୀ ସନ୍ଦୀପ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ସୌମ୍ୟରଂଜନ ଦାସ, ସ୍ୱର୍ଣ୍ଣଶ୍ରୀ ମହାପାତ୍ର, ସଞ୍ଜୟ ବାରିକ, ଶିଳ୍ପୀ ସମୀକ୍ଷା ସାହୁ କ୍ରୀଡ଼ା ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି। କ୍ରୀଡା ଶିକ୍ଷକ ପୁଷ୍ପକ କୁମାର ରଥ, ଶିକ୍ଷୟିତ୍ରୀ ସାବେରା ବେଗମ୍‌ଙ୍କ ସଂଯୋଜନାରେ ଶିକ୍ଷକ ଶ୍ରୀନିବାସ ମିଶ୍ର, ଦେବାଶିଷ ମହାନ୍ତି, ଅନୁକମ୍ପା ପ୍ରିୟଦର୍ଶିନୀ, କୌଶିକ ମିଶ୍ର, ଗୌରାଙ୍ଗ ଦାସ, ପ୍ରଭାତୀ ପଣ୍ଡା ସହଯୋଗ କରିଥିଲେ। ସରିତା ଜେନା ଧନ୍ୟବାଦ ଦେଇଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ନରସିଂହପୁର,୨୦।୧୨(ସମିସ): ନରସିଂହପୁର ବ୍ଲକ ପାଇକପଡ଼ାପଟଣାସ୍ଥିତ ସଞ୍ଜୀବନୀ ନର୍ସିଂହୋମରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନରସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ଜେନା, ପାଇକପଡ଼ାପଟଣା ସରପଞ୍ଚ ଗୟାଧର ସାହୁ, ସମିତିସଭ୍ୟ ନିର୍ମଳ କୁମାର ଜେନା, ସରପଞ୍ଚ ରାଜକିଶୋର ରାଉତ, ସମାଜସେବୀ ଶୁଭ୍ରାଂଶୁ ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ନର୍ସିଂହୋମର ନିର୍ଦ୍ଦେଶକ ଅଜୟ କୁମାର ପଣ୍ଡା, ଲଳିତ କୁମାର ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡବ୍ୟାଙ୍କ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଡାକ୍ତର ଅମୃତାଂଶ ମିଶ୍ର, କାଉନସିଲର ଅଜୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ନର୍ସିଂହୋମର ଶିଖାରାଣୀ ପ୍ରଧାନ, ଅନୁପମ ପଣ୍ଡା, ଶୋଭାରାଣୀ ନାୟକ, ଶୁରଭିରାଣୀ ମହାଳିକ, କରିସ୍ମା ବାନୋ, ସୋନାଲିନ ସାହୁ, ସ୍ମୃତିମୟୀ ପ୍ରଧାନଙ୍କ ସମେତ ସମସ୍ତ ପାରାମେଡିକାଲ କର୍ମଚାରୀ ସହଯୋଗ କରିଥିଲେ।

# ଚୋର ଗିରଫ

କଟକ, ୨୦।୧୨(ସମିସ): ମର୍କତନଗର ଥାନା ଆନ୍ତର୍ଗତ ଜୁଡ଼ିସିଆଲ୍ ଏକାଡେମୀ ଛକରେ ଥିବା ଓମଫେଡ୍ ପାର୍ଲରରୁ ଚୋରି ହୋଇଥିଲା। ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କଲା ପରେ ସମ୍ପୃକ୍ତ ଅଭିଯୁକ୍ତକୁ ବିଡ଼ାନାସୀ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତର ନାଁ ସେକ୍ ପିରୁ। ତା' ନାଁରେ କଟକ ୟୁପିଡିର ବିଭିନ୍ନ ଥାନାରେ ୩୦ରୁ ଅଧିକ ଚୋରି ମାମଲା ରହିଛି। ଓମଫେଡ୍ ପାର୍ଲରରୁ ହୋଇଥିବା ଚୋରି ଘଟଣାରେ ଅଭିଯୁକ୍ତ ପିରୁକୁ ମର୍କତନଗର ଥାନା ପୁଲିସ ରିମାଣ୍ଡରେ ନେବ ବୋଲି ସୂଚନା ଦେଇଛି।

# ଗାଡ଼ି ଚୋରି ରାକେଟ୍ ଠାବ: ୪ ଗିରଫ

କଟକ,୨୦।୧୨(ସମିସ): ଲାଲବାଗ ଥାନା ପୁଲିସ ଆଜି ଏକ ଗାଡ଼ିଚୋରି ରାକେଟ୍‌କୁ ଠାବ କରିଛି। କଟକ ସହରର ବିଭିନ୍ନ ଅଞ୍ଚଳରୁ ଏହି ରାକେଟ୍ ଗାଡ଼ି ଚୋରି କରି ଏହାକୁ ବିଭିନ୍ନ ଅଞ୍ଚଳରେ ବିକ୍ରୟ କରି ଦେଉଥିଲେ। ଗତ ୬ ତାରିଖରେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସ୍କୁଟି ଚୋରି ହୋଇଥିଲା। ପୁଲିସ ଏହି ସ୍କୁଟିକୁ ଜବତ କଲା ପରେ ସମ୍ପୂର୍ଣ୍ଣ ର୍‌ୟାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି। ଏହି ଚୋରି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆଠଗଡ଼ର ରଞ୍ଜିତ୍‌କୁମାର ବେହେରା ଓରଫ୍ ବଣ୍ଟି(୨୧), ଶକ୍ତିପ୍ରସାଦ ନାୟକ(୧୯), ଢେଙ୍କନାଳ ଗୋବିନ୍ଦପୁର ଅଞ୍ଚଳର ସିପୁନ୍ ନାୟକ(୨୦) ଏବଂ ଖୁଣ୍ଟୁଣୀ ଅଞ୍ଚଳର ରାଜା ନାଏକ(୨୧)। ଏମାନଙ୍କ ଠାରୁ ୨ଟି ଆକ୍ଟିଭା ଏବଂ ୩ଟି ବାଇକ୍ ଜବତ କରାଯାଇଛି। ଗତ ୬ତାରିଖ ଦିନ ୧୨ଟାରେ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଅଭିଯୁକ୍ତ ବଣ୍ଟି ଧଳା ରଙ୍ଗର ହୋଣ୍ଡା ଆଭିଏଟର୍(ଓଡି-୦୫-ଜେଡ୍-୪୪୭୩) ଚୋରି କରି ନେଇଥିଲା। ଏହି ଗାଡ଼ିକୁ ସେ ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଡ଼ାର ଶକ୍ତିପ୍ରସାଦକୁ ବିକ୍ରି କରି ଦେଇଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବଣ୍ଟିକୁ ଗିରଫ କରିବା ପରେ ପୁଲିସ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ସାଲେପୁର,୨୦।୧୨(ସମିସ): ସାଲେପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସାଲେପୁର ବିଡିଓ ଲୋପାମୁଦ୍ରା ନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଂପାଦକ ରବିନ୍ଦ୍ରନାଥ କର, ସହ ସଂପାଦକ ଅଜୟ ନାୟକ ଓ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ଜ୍ଞାନରଂଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ।

# ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ କର୍ମଚାରୀ ସମାବେଶ



ନିଶ୍ଚିନ୍ତକୋଇଲି,୨୦।୧୨(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ସଭାଗୃହରେ ପ୍ରାକ୍ତନ ଓ ବର୍ତ୍ତମାନର କାର୍ଯ୍ୟରତ ଅଧ୍ୟାପକଅଧ୍ୟାପିକା ଏବଂ କର୍ମଚାରୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଭବ ଓ ଅନୁଭୂତିରେ ଅନୁଷ୍ଠାନର ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଶୀର୍ଷକ ଆଲୋଚନା କରାଯାଇଛି। ଅବସରପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ମିଶ୍ର, ପ୍ରଫେସର ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ଡ. ବିଭୂତିଭୂଷଣ ସାମଲ, ପ୍ରଫେସର ସତ୍ୟବ୍ରତ ନାୟକ, ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ପ୍ରଫେସର ଏକାଦଶୀ ସେନାପତି, ପ୍ରଫେସର ସରୋଜିନୀ ପଟ୍ଟନାୟକ, ପ୍ରଫେସର ଡ. ସୁଚୀତ୍ର ସାହୁ, ପ୍ରଫେସର ମଦନମୋହନ ଜେନା, ପ୍ରଫେସର କମଳ ମହାନ୍ତି, ପ୍ରଫେସର ରତ୍ନାକର ରାୟ, ପ୍ରଫେସର ଡ. ଅଜୟ ଦାସ, ପ୍ରଫେସର ଡ. ଭାଗ୍ୟଲକ୍ଷ୍ମୀ ମହାନ୍ତି, ଜଗବନ୍ଧୁ ମୁଦୁଲି ଶିକ୍ଷାର ମାନ ବୃଦ୍ଧି, ନୂତନ ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ, ଗବେଷଣା ଓ ଛାତ୍ର ଛାତ୍ରୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଅଧ୍ୟାପକ ଓ କର୍ମଚାରୀ ସର୍ବଶ୍ରୀ ପ୍ରଫେସର ଅଶ୍ୱିନୀ ପଟ୍ଟନାୟକ, ପ୍ରଫେସର ପ୍ରଦୀପ୍ତ ମହାନ୍ତି, ପ୍ରଫେସର ରବିନ୍ଦ୍ର ପରିଡା, ପ୍ରଫେସର ପ୍ରମୋଦ ସାମଲ, ପ୍ରଫେସର ତୃପ୍ତିରେଖା ପଣ୍ଡା, ପ୍ରଫେସର ସୀତାକାନ୍ତ ମହାପାତ୍ର, ପ୍ରଫେସର ଚନ୍ଦ୍ରମଣି ଦାସ, ପ୍ରଫେସର ସୁନୀଲ ଦାସ, ବିଜୟ ସାହୁ, ରାଜେନ୍ଦ୍ର ସିଂ, ନିରଞ୍ଜନ ରାଉତ, ରାଜେନ୍ଦ୍ର ଦାସ, ହରେକୃଷ୍ଣ ବେହେରା, ସନାତନ ମଲିକ, କ୍ଷୀରୋଦ କୁମାରୀ ସାହୁ, ଧୀରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଡ. ଅଲେଖଚନ୍ଦ୍ର ସାମଲ, ଅଧ୍ୟାପକ ସ୍ୱର୍ଣ୍ଣପ୍ରଭା ସାମଲ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅଧ୍ୟାପକ ପ୍ରଶାନ୍ତ ଭାରତୀ, ଅଧ୍ୟାପକ ଅମରିଶ ସ୍ୱାଇଁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପଦ୍ମଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଗାନ୍ଧୀଜୀଙ୍କ ନାମରେ ଯୋଜନା ହଟାଇବା ଅନୁଚିତ'

କଟକ,୨୦।୧୨(ସମିସ): ୨୦୦୫ରୁ ଭାରତର ଗରିବ ଜନଗଣଙ୍କୁ ଶହେଦିନ ନିଶ୍ଚିତ କର୍ମଯୋଗାଣ ନିମନ୍ତେ ଲାଗୁହୋଇଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ବିଗତ ଲୋକସଭା ଅଧିବେଶନ କାଳରେ ତରବାରିଆ ଭାବରେ ହଟାଇ ଦିଆଯାଇ ତା' ସ୍ଥାନରେ ଭିବି. ଜି. ରାମ. ଜି. ଭଳି ଏକ ଯୋଜନା ପ୍ରଣୟନ କରାଯାଇଛି। ନିଜ ପୂର୍ବଜଙ୍କ ଶତ୍ରୁତା କାରଣରୁ କେନ୍ଦ୍ରରେ ରହିଥିବା ସରକାରୀ ଦଳ ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇବା ନିମନ୍ତେ ନରେଗା ଯୋଜନାକୁ ହଟାଇବା ଦିଗରେ ଯେପରି ପଦକ୍ଷେପ ନେଇଛି, ତାହାକୁ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଭାରତ ବର୍ଷରେ ବିଶେଷ କରି ଓଡ଼ିଶା ଭଳି ଦାଦନ ପ୍ରବଣ ଅଞ୍ଚଳରେ ଲୋକଙ୍କୁ ନିଶ୍ଚିତ କାମ ନିମନ୍ତେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ନାମରେ ରହିଥିବା ଏହି ଅଧିକାରକୁ ଛଡେଇ ନେଇ ସରକାରୀ ଦୟା ଓ ଦଳୀୟ ମର୍ଜି ଉପରେ ଗରୀବ ଜନତାଙ୍କୁ ଛାଡିଦେବା କେବଳ ଅନ୍ୟାୟ ନୁହେଁ, ଏହା ଗରିବ ଜନସାଧାରଣଙ୍କ ସହ ବିଶ୍ୱାସଘାତକତା ବୋଲି ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, ଲୋହିଆ ଏକାଡେମୀ, ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡା ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ଜୟନ୍ତ କୁମାର ଦାସ, ଦେବ ପ୍ରସାଦ ରାୟ, ଅନ୍ତର୍ଯ୍ୟାମୀ ବରାଳ, ଆର୍ଯ୍ୟଭଟ୍ଟ ମହାନ୍ତି, କବୀର କୁମାର ଜେନା, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି।

# ସମବାୟ ସମିତିର ନୂତନ ଗୃହ ଲୋକାର୍ପିତ

ଟିଗିରିଆ,୨୦।୧୨(ସମିସ): ଟିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତ ଅଧିନ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ ଗୃହ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ଧ୍ରୁବ ଚରଣ ଦାସଙ୍କ ସଭାପତିତ୍ୱ ଓ ସମ୍ପାଦକ ଚନ୍ଦନ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ନୂତନ ଗୃହକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ସସ୍ମିତା ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ଯୁବନେତା ମହେନ୍ଦ୍ର କୁଣ୍ଡୁ, ବରିଷ୍ଠ ସଭ୍ୟ ରାମଚନ୍ଦ୍ର ବାରିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ବାସନ୍ତୀ କର ପ୍ରମୁଖ



ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ଗୃହ ଉଦଘାଟନ କରିବା ସହ ନିଜ ଅଭିଭାଷଣରେ ଅଞ୍ଚଳର ଚାଷୀଙ୍କ ଉନ୍ନତି ଦିଗରେ ଏହି ନୂତନ ଗୃହ ଓ ସେବା ସମବାୟ ସମିତି ସହାୟକ ହେଉ ବୋଲି ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ପରିଚାଳନା କମିଟିର ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ମୋକିମ ଫାଉଣ୍ଡେସନ୍ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



କଟକ,୨୦।୧୨(ସମିସ): ମୋକିମ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଝୋଲାସାହିସ୍ଥିତ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଡାକ୍ତର ନୟୀମା ତାଜ୍‌ମିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମଦ ମୋକିମ ଏହାକୁ ଉଦଘାଟନ କରିଥିଲେ। ଶିବିରରେ ଏସଜି ଚକ୍ଷୁ ହସ୍ପିଟାଲ, ଶଙ୍କର ବାକଚି କ୍ୟାନ୍ସର ହସ୍ପିଟାଲ ଓ ମାଣିପାଳ ହସ୍ପିଟାଲର ବିଶେଷଜ୍ଞଙ୍କ ଦ୍ୱାରା ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ଫୁସଫୁସ ପରୀକ୍ଷା, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ୱାର୍ଡ ଅଞ୍ଚଳର ମୁରବି ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ପ୍ରଦୀପ ସେନାପତି, ଅବଦୁଲ ମୋକିଦ, ସେକ ଇରଫାନ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟରଞ୍ଜନ କରଙ୍କ ସଂଯୋଜନାରେ ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



କଟକ,୨୦।୧୨(ସମିସ): କଟକ ମିଶନ ରୋଡ୍ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୩୪ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମ ସଚେତନତା, ନିରନ୍ତର ପ୍ରଚେଷ୍ଟା ଓ ଦୃଢ଼ ନିଷ୍ଠା ହିଁ ସଫଳତାର ଚାବିକାଠି ବୋଲି ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ ୨୦୪୦ ସୁଦ୍ଧା ଭାରତକୁ ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଚେୟାରମ୍ୟାନ ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ ପ୍ରାର୍ଥନା କରିଥିବା ବେଳେ ସମ୍ପାଦକ ବିକ୍ରମ ଏନ. ଆଡାମସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୫ ଆଇସିଏସି ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କ ସମେତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଟପ୍ପରମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ବିଦ୍ୟାଳୟରେ ୨୫ ବର୍ଷର ନିରବଚ୍ଛିନ୍ନ ସେବା ପୂର୍ଣ୍ଣ କରିଥିବା କର୍ମଚାରୀମାନଙ୍କୁ ମଧ୍ୟ ଏହି ମଞ୍ଚରେ ସମ୍ମାନିତ କରାଯାଇଥିଲା। କଟକ ଡାଇଓସେସ ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ଓ ସିଇଓ ରେଭେରେଣ୍ଡ ଏଫ.ସି. ନର୍ଥ ପୁରସ୍କାର ବିତରଣ କରିଥିଲେ। ଉତ୍ସବର ଦ୍ୱିତୀୟାର୍ଦ୍ଧରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତ୍ୟନ୍ତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ସୁସାନା ଦାସ, ଜାନବି ଦାସ, ରୀତିକା ପ୍ରିୟଦର୍ଶିନୀ, ଶ୍ରେୟାନ୍ସି ରାଓ, ରଣବୀର ପ୍ରକାଶ ସାହୁ ଓ ରୁଦ୍ରନାରାୟଣ ସାହୁ ଉପସ୍ଥାପନା କରିଥିଲେ। ସଂଯୋଜିକା ସୁମିତ୍ରା ପଣ୍ଡା, ଆଭା ବିଶ୍ୱାଳ, ସୁଲତା ବେହେରା, ରୋଜାଲିନ ନାୟକ, ରୀନା ଦେବୀ, ସୁସ୍ମିତା ପାତ୍ର ଏବଂ ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା ଧନ୍ୟବାଦ ଦେଇଥିଲେ।

# ସିଏମ୍ କିଷାନ ରଥ ପରିକ୍ରମା

ଟିଗିରିଆ,୨୦।୧୨(ସମିସ): ରାଜ୍ୟ ସରକାରଙ୍କର ସିଏମ କିଷାନ ଯୋଜନାରେ ନାମ ପଞ୍ଜିକରଣ ଓ ଇ-କେୱାଇସି କରିବା ପାଇଁ ଚଳିତ ମାସ ୩୧ ତାରିଖକୁ ଅନ୍ତିମ ଦିବସ ଧାର୍ଯ୍ୟ କରାଯାଇଥିବାରୁ ବ୍ଲକର ସମସ୍ତ ଚାଷୀ ଭାଇମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପଞ୍ଜିକରଣ କରିବା ପାଇଁ ଶୁକ୍ରବାର ଟିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ଏକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଆୟୋଜିତ ପରିକ୍ରମା ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିଗିରିଆ ବ୍ଲକ ଆମ୍ବ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ସନାତନ ବେହେରା



ଯୋଗଦେଇ ଡିସେମ୍ବର ୩୧ ତାରିଖ ମଧ୍ୟରେ ଚାଷୀମାନେ ନିଜର ଆଧାର କାର୍ଡ, ବ୍ୟାଙ୍କ ସଞ୍ଚୟ ଖାତା ଓ ଜମି ପଟ୍ଟାର ନକଲ ଦେଇ ସିଏମ କିଷାନ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ ଓ ଇ-କେୱାଇସି କରି ନେବା ପାଇଁ କହିଥିଲେ। ଆଜିଠାରୁ ଏହି ରଥ ଟିଗିରିଆ ବ୍ଲକର ୧୪ଟି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମ ପରିକ୍ରମା କରିବ ବୋଲି ସୂଚନା ମିଳିଛି। ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା କମିଟି ସଭ୍ୟ ଗୌରହରି ପରିଡାଙ୍କ ସହିତ ବ୍ଲକ କୃଷି କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ

# ଗୀତା ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ସ୍ମୃତି ସମ୍ମାନ



କଟକ,୨୦।୧୨(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ କବିଚନ୍ଦ୍ର ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଗୌରବମୟ ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'କବିଚନ୍ଦ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ସ୍ମୃତି ସଂସଦର ସଭାପତି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ କବିଚନ୍ଦ୍ରଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କୁ ଓଡ଼ିଶୀ ସଙ୍ଗୀତର ମୁକୁଟବିହୀନ ସମ୍ରାଟ ଭାବେ ଅଭିହିତ କରି ତାଙ୍କ କୃତିର ସଠିକ୍ ମୂଲ୍ୟାୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ଦାଶ ଏବଂ ସମ୍ମାନିତ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ କବିଚନ୍ଦ୍ରଙ୍କୁ ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ସଂସ୍କୃତି ପୁରୁଷ, ନାଟ୍ୟସ୍ରଷ୍ଟା ଏବଂ କାଳଜୟୀ ଗୀତିକବି ଭାବେ ବର୍ଣ୍ଣନା କରିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟକୁ କବିଚନ୍ଦ୍ରଙ୍କ ନାମରେ ନାମିତ କରିବାକୁ ଦାବି କରିଥିବା ବେଳେ, ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକ କବିଚନ୍ଦ୍ରଙ୍କ ସମସ୍ତ ରଚନାକୁ ସଂସଦ ପକ୍ଷରୁ ପ୍ରକାଶ କରିବା ନେଇ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଣ୍ଡିତ ଏ. ମହେଶ୍ୱର ରାଓ ଏବଂ ଅନ୍ୟ କଳାକାରମାନଙ୍କ ଦ୍ୱାରା କବିଚନ୍ଦ୍ର ସଙ୍ଗୀତ ପରିବେଷଣ କରାଯାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଯାଇଥିଲା। ବିଭୁପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବ ପୂର୍ବରୁ ସକାଳ ୯ଟାରେ ଗଡ଼ଗଡ଼ିଆସ୍ଥିତ କବିଚନ୍ଦ୍ରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଗୌର ପଟ୍ଟନାୟକ, ସଞ୍ଜିତ ପଟ୍ଟନାୟକ, ପ୍ରକାଶକ ଗୌତମ କର, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ବସନ୍ତ ସାହୁ, ନିବାସଚନ୍ଦ୍ର ମିଶ୍ର, ଭବାନୀ ପଣ୍ଡିତ ଓ ଉତ୍କଳଭୂଷଣ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ବାଣୀଭଣ୍ଡାରକୁ କବିଚନ୍ଦ୍ରଙ୍କ ଅତୁଳନୀୟ ଦାନକୁ ସ୍ମରଣ କରିଥିଲେ। ଶ୍ରୀରାମଚନ୍ଦ୍ର ଭବନର ଏହି ଗାରିମାମୟ ସନ୍ଧ୍ୟାରେ ବହୁ ସଂଖ୍ୟାରେ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ କବିଚନ୍ଦ୍ରଙ୍କ ପ୍ରତି ସମ୍ମାନ ଜଣାଇଥିଲେ।

## ଆଠଗଡ଼ ମହୋତ୍ସବର ତୃତୀୟ ଦିବସ

# ରୁକୁ ସୁନାଙ୍କ ସଂଗୀତରେ ଝୁମିଲେ ଦର୍ଶକ



ଆଠଗଡ଼,୨୦।୧୨(ସମିସ): ଆଠଗଡ଼ ମହୋତ୍ସବ-୨୦୨୫ ତୃତୀୟ ଦିବସ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ରୁକୁ ସୁନା ଓ ସାଥୀ କଳାକାରଙ୍କ ସଂଗୀତରେ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଛନ୍ତି। ମହୋତ୍ସବରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୨ ଶହରୁ ଅଧିକ ଷ୍ଟଲ ମାନ ଖୋଲାଯାଇଛି ଯାହାକି ଦର୍ଶକମାନଙ୍କୁ ମହୋତ୍ସବ ବୁଲାବୁଲି ସହ କିଣାବିକାରେ ବେଶ ମଜା ଉଠାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ତୃତୀୟ ସଂଧ୍ୟାରେ ବରିଷ୍ଠ ଆଇନଜୀବୀ ତଥା ମହୋତ୍ସବର ଆବାହକ ଫଣିଭୂଷଣ ରଥଙ୍କ ଆବାହକତ୍ୱ ଏବଂ କମିଟି ମୁଖ୍ୟ ଉପଦେଷ୍ଟା ଭାଜପାର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ରୁପେ ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂହ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ୭ ଦିନିଆ ଏହି ମହୋତ୍ସବ ଅସନ୍ତା ୨୪ ତାରିଖ ସମାପ୍ତ ହେବ।

